# ବୈଷୟିକ ଜ୍ଞାନ ଏବଂ ମାନବସମ୍ବଳ ମଧ୍ୟରେ ସମନ୍ୱୟ ଆବଶ୍ୟକ : ନାଲ୍କୋ ଅଧ୍ୟକ୍ଷ



ଭୁବନେଶ୍ୱର,(ସବ୍ୟୁ) : ନାଲକୋର ଇଣ୍ଡଷ୍ଟ୍ରୀ-ଇନଷ୍ଟିଚ୍ୟୁସନ ଇଣ୍ଟରାକ୍ସନ କାର୍ଯ୍ୟକ୍ରମର ଏକ ଅଂଶ ଭାବେ କମ୍ପାନୀର ଅଧ୍ୟକ୍ଷ ଶ୍ରୀ ତପନ କୁମାର ଚାନ୍ଦ ଶନିବାର ଭୁବନେଶ୍ୱର ସ୍ଥିତ ସି.ଭି. ରମଣ ଇଞ୍ଜିନିୟରିଂ କଲେଜ ଗସ୍ତ କରି ସେଠାରେ ଆୟୋଜିତ 'ମ୍ୟାନ ଆଣ୍ଡ ମେସିନ ଇଣ୍ଟରଫେସ୍' ଶୀର୍ଷକ ଆନ୍ତର୍ଜାତୀୟ ସମ୍ମେଳନରେ ଯୋଗ ଦେଇଥିଲେ। ଏହି ଅବସରରେ, ଛାତ୍ରଛାତ୍ରୀ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଚାନ୍ଦ କହିଥିଲେ ଯେ ଯାନ୍ତ୍ରିକ ପଦ୍ଧତିର ପ୍ରୟୋଗ ଦ୍ୱାରା କ୍ରମଶଃ ମାନବସମ୍ବଳର ନିଯୁକ୍ତି ପ୍ରଭାବିତ ନହେବା ପାଇଁ ବୈଷୟିକ ଜ୍ଞାନ ଏବଂ ମାନବସମ୍ବଳ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି । ଶ୍ରୀ ଚାନ୍ଦ ଆହୁରି ମଧ୍ୟ କହିଲେ ଯେ, 'ଯନ୍ତ୍ରପାତି ମଣିଷର ଦକ୍ଷତା ବୃଦ୍ଧିରେ ସାହାଯ୍ୟ କରନ୍ତି । କିନ୍ତୁ, ଏହାର କ୍ଷମତା ସୀମିତ ଯେତେବେଳେ କି ମାନବସମ୍ବଳର କ୍ଷମତା ଅସୀମିତ ଏବଂ ଅକଳନୀୟ।'

ଏହି ଅବସରରେ, ଶ୍ରୀ ଚାନ୍ଦ, ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀ ସଞ୍ଜୀବ କୁମାର ରାଉତଙ୍କ ସହ ଏହାର କ୍ୟାମ୍ପସରେ ଥିବା ବିଭିନ୍ନ ଅତ୍ୟାଧୁନିକ ପରୀକ୍ଷାଗାର ବୁଲି ଦେଖିଥିଲେ ଏବଂ ବୈଦେଶିକ ସହବନ୍ଧନରେ ପ୍ରତିଷ୍ଠିତ ଏହି ବ୍ୟବସ୍ଥାଗୁଡ଼ିକର ପ୍ରଶଂସା କରିଥିଲେ।